■ ପ୍ରଶ୍ନ ଉଠିପାରେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା କେମିତି ସୁଦୃଢ଼ ହେବ? ପ୍ରତିଦିନ ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡୁଥିବା ଖବର ପ୍ରକାଶ ପାଉଛି। ଟଙ୍କା ଗଣି ଗଣି ଭିଜିଲାନ୍ସ କର୍ମଚାରୀମାନେ ହାଲିଆ ହୋଇଯାଉଛନ୍ତି। ଧରାପଡୁଥିବା ବାବୁମାନଙ୍କ ଘରୁ କୋଟି କୋଟି ଟଙ୍କା ବାହାରୁଛି। ତେଣୁ ସରକାରଙ୍କ ଯୋଜନା ଯେତେ ଲୋକାଭିମୁଖୀ ହେଲେ ମଧ୍ୟ ତାହା ଲୋକଙ୍କ ପାଖରେ କିଭଳି ପହଞ୍ଚିପାରିବ?


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୩ ନଭେମ୍ବର, ୨୦୨୫ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍


## ଯୋଜନା ତ ଉତ୍ତମ ରୂପାୟନରେ ସାଧୁତା ଦରକାର

ସରକାର ସାଧାରଣ ଲୋକଙ୍କ ପାଇଁ ଭଲ ଭଲ ଯୋଜନା ହାତକୁ ନେଉଛନ୍ତି। ଏଣିକି ତହସିଲ ଅଫିସରେ ମଧ୍ୟ ଜମିଜମା ପଞ୍ଜୀକରଣ ଓ କିଣାବିକା ହୋଇପାରିବ। ଗତକାଲି ଲୋକସେବା ଭବନରେ ରାଜ୍ୟର ୪୪ଟି ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ। ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ସବ-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଆରମ୍ଭ ହୋଇଛି, ବାକିଥିବା ଅନ୍ୟ ତହସିଲଗୁଡ଼ିକରେ ମଧ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ସେବା ଉପଲବ୍ଧ ହେବ। ଏହା ପୂର୍ବରୁ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍ ମଧ୍ୟ ଆରମ୍ଭ କରାଯାଇଛି।

ପ୍ରଶାସନିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବା, ଲୋକଙ୍କୁ ଉନ୍ନତମାନର ସେବା ପ୍ରଦାନ କରିବା ଏବଂ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ହେଉଛି ଏହି ଯୋଜନାର ମୂଳ ଲକ୍ଷ୍ୟ। ଜନସାଧାରଣଙ୍କ ନିକଟରେ ସେବା ପହଞ୍ଚିବା ଦ୍ୱାରା ରେଜିଷ୍ଟ୍ରେସନ୍ କାର୍ଯ୍ୟକଳାପ ବୃଦ୍ଧି ପାଇବ, ଯାହା ଫଳରେ ରାଜସ୍ୱ ଆଦାୟରେ ମଧ୍ୟ ଉନ୍ନତି ଆସିବ। ଏହି ସଂସ୍କାରମୂଳକ ପଦକ୍ଷେପ ଜରିଆରେ ଲୋକଙ୍କ ସରକାର ନିଜର ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରୁଛନ୍ତି। ଯାହାଦ୍ୱାରା ନାଗରିକମାନଙ୍କର ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ଅଧିକ ସୁଦୃଢ଼ ହେବ।

ପ୍ରଶ୍ନ ଉଠିପାରେ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା କେମିତି ସୁଦୃଢ଼ ହେବ? ପ୍ରତିଦିନ ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଏବଂ କର୍ମଚାରୀ ଭିଜିଲାନ୍ସ ଜାଲରେ ପଡୁଥିବା ଖବର ପ୍ରକାଶ ପାଉଛି। ଟଙ୍କା ଗଣି ଗଣି ଭିଜିଲାନ୍ସ କର୍ମଚାରୀମାନେ ହାଲିଆ ହୋଇଯାଉଛନ୍ତି। ଧରାପଡୁଥିବା ବାବୁମାନଙ୍କ ଘରୁ କୋଟି କୋଟି ଟଙ୍କା ବାହାରୁଛି। ଅନ୍ୟାନ୍ୟା ମୂଲ୍ୟବାନ ଗହଣା ସହ ମାଳ ମାଳ ପ୍ଲଟ ମଧ୍ୟ ବାବୁ ଜଣକ ହାତେଇଥିବାର ଜଣାଯାଉଛି ଖବରରୁ। ତେଣୁ ଏମାନେ ଯେ, ସଚ୍ଚୋଟ କର୍ମଚାରୀ ନୁହନ୍ତି ଏକଥାକୁ କ'ଣ ଅସ୍ୱୀକାର କରିହେବ? ସବୁ ସରକାରୀ ଅଫିସରେ ତ ଏଭଳି କର୍ମଚାରୀଙ୍କ ସଂଖ୍ୟା ମାଳ ମାଳ। ଯେଉ ଅଫିସରେ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଥାଆନ୍ତି ସେହି ଅଫିସର ବଡବାବୁ ବା ମୁଖ୍ୟ ଅଧିକାରୀଙ୍କ ପାଖରେ କ'ଣ ଏ ଖବର ନଥାଏ? ସରକାରୀ ଯୋଜନା ରୂପାୟନ ଦାୟିତ୍ୱ ତ ଏଇ ଏମାନଙ୍କ ହାତରେ ଥାଏ। ତେଣୁ ଯେତେ ଲୋକାଭିମୁଖୀ ଯୋଜନା ହେଲେ ମଧ୍ୟ ଲୋକେ ଏହାର ସୁଫଳ କେତେପାଇବେ ସେହିଟା ହିଁ ମୂଳ ପ୍ରଶ୍ନ।

ଦୁର୍ନୀତି ନିବାରଣ ସପ୍ତାହ ଭିତରେ ମଧ୍ୟ ଦୁର୍ନୀତିଗ୍ରସ୍ତ ବାବୁମାନେ ଧରାପଡୁଥିବାର ଖବର ପ୍ରକାଶ ପାଉଛି। ଏହିଥିରୁ କ'ଣ ପ୍ରମାଣିତ ହେଉଛି? ଆଇନ ଏବଂ ଦଣ୍ଡପ୍ରତି ସରକାରୀ କର୍ମଚାରୀଙ୍କ ଭୟ ନାହିଁ। ଏଭଳି ବାବୁ ଏବଂ କର୍ମଚାରୀଙ୍କ ସଂଖ୍ୟା କମିବା ବଦଳରେ ବଢ଼ି ବଢ଼ି ଚାଲିଛି। ତେଣୁ ସରକାରଙ୍କ ଯୋଜନା ଯେତେ ଲୋକାଭିମୁଖୀ ହେଲେ ମଧ୍ୟ ତାହା ଲୋକଙ୍କ ପାଖରେ କିଭଳି ପହଞ୍ଚିପାରିବ ସେ ଦିଗରେ ସରକାର ଯତ୍ନବାନ ହେଲେ ହିଁ ଅସଲ ଲକ୍ଷ୍ୟ ପୂରଣ ହୋଇପାରିବ।

# ଗୋଟିଏ ଯନ୍ତ୍ର ଛଅଟି ମନ୍ତ୍ର!

ଦୁଇ ତିନିଦିନ ତଳେ ଆମ ଘରକୁ ଆସିଥିବା ମୋର ଜଣେ ନିକଟ ସମ୍ପର୍କୀୟଙ୍କୁ ଚିନ୍ତିତ ଥିବାର ଦେଖି ଏହାର କାରଣ ପଚାରନ୍ତେ ସେ କହିଲେ- କ'ଣ କହିବି ଆମର ସେଠି କାମ କରିବା ମୁସ୍କିଲ୍ ହୋଇପଡ଼ିଲାଣି। ଟିକେ ଅସତର୍କ ହେଲେ ଷଡ଼ଯନ୍ତ୍ରର ଶିକାର ହେବା ସୁନିଶ୍ଚିତ।

ମୁଁ ତାଙ୍କୁ ଆଶ୍ୱାସନା ଦେଇ କହିଲି- କାଳେ କାଳେ ଲୋକେ ଷଡ଼ଯନ୍ତ୍ରର ଶିକାର ହୋଇଛନ୍ତି। ମଣିଷ ତ ଛାଡ଼ ଭଗବାନ ପୁରୁଷୋତ୍ତମ ରାମ ବି ଷଡ଼ଯନ୍ତ୍ରର ଶିକାର ହୋଇଥିଲେ। ସିଂହାସନ ଛାଡ଼ି ଚଉଦ ବର୍ଷ ଜଙ୍ଗଲରେ ରହିଥିଲେ। ପୁରାଣଠୁ ନେଇ ପଲିଟିକ୍ସ ଯାଏଁ ସବୁଠି ଷଡ଼ଯନ୍ତ୍ରର ଯନ୍ତ୍ରଣାଦାୟକ କାହାଣୀ। ଏଇ କାରଣରୁ ଖୁବ୍ ମଣିଷକୁ ଖୁବ୍ ଜଗିରଖି ଚଳି ଦରକାର। ଏବେ ମୋର ମନେପଡ଼ିଲା ମୀନକେତନର କଥା। ଥରେ ମାମୁଘର ଗାଁରୁ ଫେରୁଥିବା ବେଳେ ସେ ମୋତେ ପଚାରିଥିଲା- ସାର୍, କହିଲେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ଯନ୍ତ୍ରର ନାଁ କ'ଣ?

ମୁଁ ତା' ପ୍ରଶ୍ନର ଉତ୍ତର ଦେଇନପାରି ତା' ମୁହଁକୁ ଚାହିଁ ରହିଥିବା ବେଳେ ସେ ସ୍ମିତ ହସି କହିଥିଲା- ସାର୍, ଏ ଯନ୍ତ୍ର ହେଲା ଷଡ଼ଯନ୍ତ୍ର। ଏଇ ଯନ୍ତ୍ରରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଲୋକଙ୍କୁ ବିନାଶ କରିଦେଇହେବ।

ମୀନକେତନ ଠିକ୍ କହିଥିଲା।

ହଁ, ଷଡ଼ଯନ୍ତ୍ର ଏପରି ଏକ କୌଶଳ ଯେଉଁଥିରେ କୋଟିପତି ବି ମୁହୂର୍ତ୍ତକରେ କାଙ୍ଗାଳ ହୋଇଯାଏ। ଚୁଗୁଲି ହେଉଛି ଷଡ଼ଯନ୍ତ୍ରର ଜନ୍ମଦାତା। ତେଣୁ ପିତା-ପୁତ୍ର ଏକାଠି ହେଲେ ସବୁ ଅସମ୍ଭବକୁ ସମ୍ଭବ ହୋଇଯାଏ।

ଆସନ୍ତୁ ଆଉଥରେ ଷଡ଼ଯନ୍ତ୍ରର ସେଇ ବିନାଶକାରୀ ପ୍ରଭାବ ଉପରେ ଆଲୋକପାତ କରିବା।

ପ୍ରକୃତ ଯନ୍ତ୍ର ସହିତ ଷଡ଼ଯନ୍ତ୍ର ଶବ୍ଦର ସାମଞ୍ଜସ୍ୟ ନଥିଲେ ବି ଏହାର ପ୍ରୟୋଗାତ୍ମକ ପ୍ରକ୍ରିୟା କିନ୍ତୁ ଯନ୍ତ୍ରର କାର୍ଯ୍ୟକାରିତା ପରି। ଷଡ଼ଯନ୍ତ୍ର ଏପରି ଏକ ପ୍ରକ୍ରିୟା ଯେଉଁଥିରେ ରାଜା, ମହାରାଜା, ସମ୍ରାଟ, ବାଦ୍‌ଶାହାଙ୍କ ସାମ୍ରାଜ୍ୟ ଧୂଳିସାତ୍ ହୋଇଯାଇଛି। ଏହି ଯନ୍ତ୍ରରେ ଦେଶ ଦୁନିଆର ନକ୍ସା ବଦଳି ଯାଇଛି। ଅନେକ ପରିବାର ଉଜୁଡ଼ି ଯାଇଛି। ଅନେକ ଜୀବିକା ଯାଇଛି। ଅନେକ ଜୀବନ ଯାଇଛି। ଷଡ଼ଯନ୍ତ୍ର ଯୋଗୁଁ ଯେମିତି ଅନେକ ହେବା କାମ ହୋଇନାହିଁ ସେମିତି ଅନେକ ନହେବା କାମ ହୋଇପାରିଛି।

ଷଡ଼ଯନ୍ତ୍ର କ'ଣ ?

**ତେବେ ଦ୍ରୋଣଙ୍କ ଜନ୍ମ ବୃତ୍ତାନ୍ତ ଜାଣିଲେ ଆପଣ ଆଚମ୍ବିତ ହୋଇଯିବେ। ଦ୍ରୋଣଙ୍କ ପିତା ଭରଦ୍ୱାଜ ଗଙ୍ଗା ତଟରେ ଆଶ୍ରମ କରି ରହୁଥିଲେ। ଦିନେ ଗଙ୍ଗା ସ୍ନାନ ସାରି ଅପ୍‌ସରା ଘୃତାଚି ଓଦା ଲୁଗା ପିନ୍ଧି ଯାଉଥିବା ବେଳେ ତାଙ୍କର ନଗ୍ନପ୍ରାୟ ଅଙ୍ଗ ଦର୍ଶନ କରିବା ମାତ୍ରେ ଭରଦ୍ୱାଜ ଅତ୍ୟନ୍ତ କାମାତୁର ହୋଇପଡ଼ିବାରୁ ତାଙ୍କର ଶୁକ୍ରପାତ ହୋଇଥିଲା। ତାଙ୍କର ଏହି ଶୁକ୍ରକୁ ଏକ ପାତ୍ରରେ ରଖିବା ପରେ ସେଥିରୁ ଜନ୍ମ ହୋଇଥିଲେ ଦ୍ରୋଣ। ଜଳାଶୟ କିମ୍ବା କୌଣସି ପାତ୍ର ବା ଆଧାରକୁ ଦ୍ରୋଣ କୁହାଯାଉଥିବାରୁ ଦ୍ରୋଣାଚାର୍ଯ୍ୟଙ୍କର ଏହିପରି ନାମକରଣ ହୋଇଛି। ଆଜି ଦିନରେ ସମୁଦ୍ର ବେଳାରେ ଅନେକ ସ୍ନାନରତା ସୁନ୍ଦରୀଙ୍କୁ ଅନେକ କାମାତୁର ଯୁବକ ଦେଖନ୍ତି। ତେବେ ଋଷି ଭରଦ୍ୱାଜଙ୍କ ପରି ଅବସ୍ଥା କାହାର ହୋଇଥିବାର ଶୁଣାଯାଇ ନାହିଁ। ଏଇମାନେ ହେଲେ ମହାଜ୍ଞାନୀ, ମହାତପା ଋଷି, ଯେଉଁମାନଙ୍କଠାରେ ସାଧାରଣ ମଣିଷର ସଂଯମ ନଥିଲା।**

ଅନ୍ୟ ବିରୋଧରେ ଚକ୍ରାନ୍ତ କରି ତା'ର କ୍ଷତି ପହଞ୍ଚାଇବା ଯୋଜନାକୁ ଷଡ଼ଯନ୍ତ୍ର କୁହାଯାଏ। ତେବେ ଏହି ଶବ୍ଦରେ ଷଡ଼ ଯୁକ୍ତ ହୋଇଛି କାହିଁକି? ୬ ସଂଖ୍ୟା ସହିତ ଏହାର ସମ୍ପର୍କ କ'ଣ? ଏ ପ୍ରଶ୍ନର ଉତ୍ତରରେ ଯାହା ମିଳେ ତା'ହେଲା ଅନ୍ୟ ପ୍ରତି କ୍ଷତି ପହଞ୍ଚାଇବାର ୬ ପ୍ରକାର ବିଧିକୁ ଷଡ଼ଯନ୍ତ୍ର କୁହାଯାଉଥିବାର ଉଲ୍ଲେଖ ଅଛି। ଏହି ୬ଟି ବିଧି ହେଲା- (୧) ଜାରଣ (ଜାଳିଦେବା), (୨) ମାରଣ (ମାରିଦେବା), (୩) ଉତ୍ପାଟନ (ଉପାଡ଼ି ଫୋପାଡ଼ିଦେବା), (୪) ମୋହନ (ଅନ୍ୟକୁ ସମ୍ମୋହିତ କରିବା), (୫) ସ୍ତମ୍ଭନ (ନିଷ୍କ୍ରିୟ କରିଦେବା) ଏବଂ (୬) ବିଧ୍ୱଂସନ (ସମ୍ପୂର୍ଣ୍ଣ ବିନାସ କରିବା)। ତା'ହେଲେ ଥରେ ଭାବିଦେଖନ୍ତୁ ଏଇ ଗୋଟିଏ ଯନ୍ତ୍ରରେ ୬ଟି ବିନାଶକାରୀ ଶକ୍ତି ଏକତ୍ର ରହିଛି! ତେଣୁ ଏହାକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଯନ୍ତ୍ର କହିବାରେ ଅସୁବିଧା କାଇଁ? ମୀନକେତନ ଠିକ୍ କହିଛି।

ପୁରାଣ ପୃଷ୍ଠା ଆଡ଼େଇଲେ ଦେଖିବେ ଷଡ଼ଯନ୍ତ୍ର ହିଁ ଅଧିକାଂଶ ଘଟଣାର ମୂଳମନ୍ତ୍ର। ରାମାୟଣ ଏବଂ ମହାଭାରତର କଥାବସ୍ତୁର ଆଧାର ତ ଷଡ଼ଯନ୍ତ୍ର। ଷଡ଼ଯନ୍ତ୍ର ମୂଳ ମନ୍ତ୍ର।

ରାତି ପାହିଲେ ରାମଚନ୍ଦ୍ର ଅଯୋଧ୍ୟାର ରାଜା ହୋଇଥା'ନ୍ତେ। କିନ୍ତୁ ମନ୍ଥରା ଦାସୀର ପରାମର୍ଶ ମୁତାବକ କୈକେୟୀଙ୍କ ଷଡ଼ଯନ୍ତ୍ର ଯୋଗୁଁ ରାମଚନ୍ଦ୍ର ଅଯୋଧ୍ୟାର ସିଂହାସନରେ ବସିପାରିଲେ ନାହିଁ। ବଦଳରେ ୧୪ ବର୍ଷ ବନବାସରେ ରହିବାକୁ ପଡ଼ିଲା।

ରାଜା ଦଶରଥ କେବେ କୈକେୟୀଙ୍କ ସେବାରେ ତୃପ୍ତ ହୋଇ ତାଙ୍କୁ ଦୁଇଟି ବର ପ୍ରଦାନ କରିଥିଲେ। ଏହି ଅନୁଯାୟୀ ସେ ଯାହା ମାଗିବେ ତାଙ୍କୁ ସେ ଦେବେ ବୋଲି ଦଶରଥ ସତ୍ୟ କରିଥିଲେ। କୈକେୟୀଙ୍କ ଉଦ୍ଦେଶ୍ୟ ଥିଲା ଅଯୋଧ୍ୟାର ଶାସନ ଭାର ଭରତ ହାତରେ ଦେବା। ତେଣୁ ରାମଚନ୍ଦ୍ରଙ୍କୁ ସସ୍ତ୍ରୀକ ଜଙ୍ଗଲ ପଠେଇବାର ଯୋଜନାକୁ ରାମାୟଣର ସର୍ବବୃହତ ଷଡ଼ଯନ୍ତ୍ର ବୋଲି ଅନେକେ ମତ ଦିଅନ୍ତି।

ଏହା ତ୍ରେତାର କଥା। ଏବେ ଦ୍ୱାପରକୁ ଆସିବା। ତ୍ରେତାରେ ରାମଚନ୍ଦ୍ରଙ୍କ ବନବାସ ପରି ଦ୍ୱାପରରେ ମଧ୍ୟ ପାଣ୍ଡବଙ୍କ ବନବାସ ଥିଲା ଏକ ଗଭୀର ଷଡ଼ଯନ୍ତ୍ରର ସଫଳ ପ୍ରୟୋଗ। ମାତୁଳ ଶକୁନିଙ୍କ କପଟ ଦ୍ୟୂତକ୍ରୀଡ଼ାର ସର୍ତ୍ତଠାରୁ ଆଉ ବଡ଼ ରାଜନୈତିକ ଷଡ଼ଯନ୍ତ୍ର କ'ଣ ଥାଇପାରେ?

ଶକୁନି ତ ପ୍ରତିଶୋଧ ନେବା ପାଇଁ ଷଡ଼ଯନ୍ତ୍ର ରଚନା କରିଥିଲେ, କିନ୍ତୁ ସେଇ ମହାଭାରତର ଦ୍ରୋଣାଚାର୍ଯ୍ୟଙ୍କ ଗୁରୁଦକ୍ଷିଣା ପ୍ରାପ୍ତି ଏକ ବଡ଼ ଧରଣର ଷଡ଼ଯନ୍ତ୍ର ବୋଲି ଯଦି କିଏ କୁହେ ତାକୁ ଅସ୍ୱୀକାର କରିହେବ କି? ରାଜପୁତ୍ରଗଣଙ୍କର, ବିଶେଷକରି ଅର୍ଜ୍ଜୁନଙ୍କ ଶ୍ରେଷ୍ଠତ୍ୱ ବଜାୟ ରଖିବା ପାଇଁ ଦ୍ରୋଣାଚାର୍ଯ୍ୟ ଶିଷ୍ୟ ଏକଲବ୍ୟକୁ ତା' ଡାହାଣ ହାତର ବୁଢ଼ା ଆଙ୍ଗୁଠି କାଟି ଦେବା ପାଇଁ କହିବା ଏକ ବିଧିବଦ୍ଧ ଷଡ଼ଯନ୍ତ୍ରର ଜଘନ୍ୟତମ ନମୁନା ବୋଲି ଅନେକେ ମନେକରନ୍ତି। ଗୁରୁ ହେଉଛନ୍ତି ବ୍ରହ୍ମା, ଗୁରୁ ହେଉଛନ୍ତି ବିଷ୍ଣୁ, ଗୁରୁଦେବ ମହେଶ୍ୱର। ଗୁରୁ ସାକ୍ଷାତ ପରଂବ୍ରହ୍ମ। ଭଗବାନଙ୍କର ଜୀବନ୍ତ ସତ୍ତା। ତା'ହେଲେ ଏହି ପରଂବ୍ରହ୍ମ ସ୍ୱରକ୍ଷଣ ପାଇଁ ଏପରି ଚରମ ନୀତି ଆପଣେଇଲେ କାହିଁକି?

ଏ ପ୍ରଶ୍ନର ଉତ୍ତର- ନୀତି ନୈତିକତାର ବିସର୍ଜନ ଛଡ଼ା ଆଉ କ'ଣ ହୋଇପାରେ? କାଳେ କାଳେ ଏହି କୌଶଳ ଆମ ଦେଶର ଜନଜୀବନକୁ ପ୍ରଭାବିତ କରିଛି। ତଥାପି ଆମେ ଉଚ୍ଚସ୍ୱରରେ ନୈତିକତାର ଜୟଗାନ କରି ଆମ ଉଚ୍ଚ ପରମ୍ପରା ଉପରେ ଦୀର୍ଘ ଭାଷଣ ଦେଉ। ଅପକର୍ମ ଘୋଡ଼ାଇବା ପାଇଁ ଏହା କ'ଣ ଏକ ଷଡ଼ଯନ୍ତ୍ର?

ଚାଲନ୍ତୁ ଦ୍ରୋଣାଚାର୍ଯ୍ୟଙ୍କ ବିଷୟରେ ଆଉ କିଛି ଆଲୋଚନା କରିବା। ଦ୍ରୋଣାଚାର୍ଯ୍ୟ ହେଉଛନ୍ତି ମହର୍ଷି ଭରଦ୍ୱାଜଙ୍କ ପୁତ୍ର। ଭରଦ୍ୱାଜଙ୍କ ପିତା ହେଉଛନ୍ତି ଦେବଗୁରୁ ବୃହସ୍ପତି। ତେଣୁ ସ୍ୱାଭାବିକ ଭାବେ ଦ୍ରୋଣଙ୍କଠାରେ ଉଚ୍ଚ ଚିନ୍ତାଧାରା ରହିବା କଥା। କିନ୍ତୁ ରାଜପୁତ୍ର ଅର୍ଜ୍ଜୁନଙ୍କୁ ଖୁସି କରିବା ପାଇଁ ସେ ଏକଲବ୍ୟଠାରୁ ତା' ପାରଦର୍ଶିତାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗଟିକୁ ଶରୀରରୁ ବାଦ୍ ଦେଇଦେଲେ। ତଥାପି ଦ୍ରୋଣ ମହାଭାରତର ଜଣେ ମହାଯୋଦ୍ଧା-ଅନେକଙ୍କର ପୂଜନୀୟ। ତାଙ୍କର ଏହି କୌଶଳ ଆମ ମହାନ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଅଧ୍ୟାୟ!

ତେବେ ଦ୍ରୋଣଙ୍କ ଜନ୍ମ ବୃତ୍ତାନ୍ତ ଜାଣିଲେ ଆପଣ ଆଚମ୍ବିତ ହୋଇଯିବେ। ଦ୍ରୋଣଙ୍କ ପିତା ଭରଦ୍ୱାଜ ଗଙ୍ଗା ତଟରେ ଆଶ୍ରମ କରି ରହୁଥିଲେ। ଦିନେ ଗଙ୍ଗା ସ୍ନାନ ସାରି ଅପ୍‌ସରା ଘୃତାଚି ଓଦା ଲୁଗା ପିନ୍ଧି ଯାଉଥିବା ବେଳେ ତାଙ୍କର ନଗ୍ନପ୍ରାୟ ଅଙ୍ଗ ଦର୍ଶନ କରିବା ମାତ୍ରେ ଭରଦ୍ୱାଜ ଅତ୍ୟନ୍ତ କାମାତୁର ହୋଇପଡ଼ିବାରୁ ତାଙ୍କର ଶୁକ୍ରପାତ ହୋଇଥିଲା। ତାଙ୍କର ଏହି ଶୁକ୍ରକୁ ଏକ ପାତ୍ରରେ ରଖିବା ପରେ ସେଥିରୁ ଜନ୍ମ ହୋଇଥିଲେ ଦ୍ରୋଣ। ଜଳାଶୟ କିମ୍ବା କୌଣସି ପାତ୍ର ବା ଆଧାରକୁ ଦ୍ରୋଣ କୁହାଯାଉଥିବାରୁ ଦ୍ରୋଣାଚାର୍ଯ୍ୟଙ୍କର ଏହିପରି ନାମକରଣ ହୋଇଛି।

ଆଜି ଦିନରେ ସମୁଦ୍ର ବେଳାରେ ଅନେକ ସ୍ନାନରତା ସୁନ୍ଦରୀଙ୍କୁ ଅନେକ କାମାତୁର ଯୁବକ ଦେଖନ୍ତି। ତେବେ ଋଷି ଭରଦ୍ୱାଜଙ୍କ ପରି ଅବସ୍ଥା କାହାର ହୋଇଥିବାର ଶୁଣାଯାଇ ନାହିଁ। ଏଇମାନେ ହେଲେ ମହାଜ୍ଞାନୀ, ମହାତପା ଋଷି, ଯେଉଁମାନଙ୍କଠାରେ ସାଧାରଣ ମଣିଷର ସଂଯମ ନଥିଲା।

ତେବେ ଦ୍ରୋଣଙ୍କ ପିତା ଭରଦ୍ୱାଜଙ୍କ ଜନ୍ମବୃତ୍ତାନ୍ତ ଆହୁରି ଭୟଙ୍କର। ଭରଦ୍ୱାଜ ବୃହସ୍ପତିଙ୍କ ପୁତ୍ର। ବୃହସ୍ପତି ଋଷି ଉତଥ୍ୟଙ୍କର ସାନଭାଇ। ଉତଥ୍ୟଙ୍କର ପତ୍ନୀ ମମତା ଥିଲେ ଅତି ସୁନ୍ଦରୀ। ସେ ସେସମୟରେ ଗର୍ଭବତୀ ଥିଲେ। ତଥାପି ବୃହସ୍ପତି ତାଙ୍କୁ ରମଣ କରିବାକୁ ଚାହିଁଲେ। ହେଲେ ସଫଳ ହୋଇପାରିଲେ ନାହିଁ। ଏହି ବିଫଳତା ଯୋଗୁଁ ତାଙ୍କର ବୀର୍ଯ୍ୟ ମଧ୍ୟ ତଳେ ପଡ଼ି ଯାଇଥିଲା, ଯେଉଁଥିରୁ ଭରଦ୍ୱାଜଙ୍କ ସୃଷ୍ଟି।

ଏଇସବୁ କଥା ମୁଁ ମନରୁ ଯୋଡ଼ି କହୁନାହିଁ। ଏହା ପୁରାଣରେ ଉଲ୍ଲିଖିତ ତଥ୍ୟ। ତେବେ ଏହା ସତ୍ୟ ନା ପୂର୍ବୋକ୍ତ ପୌରାଣିକ ଚରିତ୍ରମାନଙ୍କୁ ବଦନାମ୍ କରିବାର ଏକ ଷଡ଼ଯନ୍ତ୍ର ଯିଏ ଲେଖିଛି ତାକୁ ବେଶି ଜଣା।

ଆମେ କଥା କଥାକେ କହୁ- ଏ ଦେଶ ପୁଣ୍ୟଭୂମି-ମୁନିଋଷିଙ୍କ ଜନ୍ମଭୂମି। ଏହା ଠିକ୍ କଥା। କିନ୍ତୁ ଯେଉଁଦେଶର ମୁନିଋଷିମାନଙ୍କର ସୁନ୍ଦରୀଙ୍କ ଦର୍ଶନମାତ୍ରେ ରେତଃପାତ ହୁଏ ସେ ଦେଶର ନାରୀମାନଙ୍କ ସୁରକ୍ଷାକୁ ନେଇ ଭାବିଲେ ମୁଣ୍ଡ ଗୋଳମାଳ ହୋଇଯିବା ସ୍ୱାଭାବିକ।

କଳିଯୁଗରେ ତ ଷଡ଼ଯନ୍ତ୍ର ସଫଳତା ହାସଲର ମୂଳମନ୍ତ୍ର। ବିଶେଷକରି ରାଜନୈତିକ ସଫଳତା କ୍ଷେତ୍ରରେ ଷଡ଼ଯନ୍ତ୍ରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଷଡ଼ଯନ୍ତ୍ର ଗଣତନ୍ତ୍ରକୁ ଜଣଯନ୍ତ୍ରରେ ରୂପାନ୍ତରିତ କରିଥିବାର ଅଗଣିତ ନଜିର ଆମ ଦେଶରେ ଉପଲବ୍ଧ।



ମହାଶୟ,

ନମସ୍କାର। 'ସତ କହିବାକୁ କିଆଁ ଡରିବି' ସ୍ତମ୍ଭରେ ପ୍ରକାଶିତ 'ବେପରୁଆ ପ୍ରଶାସନ : ବିଡମ୍ବିତ ଦର୍ଶନ' ଆଲେଖ୍ୟଟି ସମସ୍ତଙ୍କ ମନର ନିଚ୍ଛକ ଅନୁଭବ, ଯାହାକୁ ଆପଣ ଲେଖା ମାଧ୍ୟମରେ ପ୍ରକାଶ କରିଥିବାରୁ ଅଶେଷ ଧନ୍ୟବାଦ।

ଜଗତରନାଥ ଶ୍ରୀଜଗନ୍ନାଥଙ୍କୁ ମନଭରି ଦର୍ଶନ କରିବାର ମନନେଇ କାହିଁ କେତେ ଦୂରରୁ ଭକ୍ତମାନେ ଆସିଥାନ୍ତି, ମାତ୍ର ଶ୍ରୀମନ୍ଦିରରେ ପ୍ରଶାସନର ଅବ୍ୟବସ୍ଥାରେ ଅଣନିଃଶ୍ୱାସୀ ହୋଇ ଦ୍ୱିତୀୟ ବାର ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା କଥା ସମ୍ପୂର୍ଣ୍ଣ ଭୁଲିଯାଆନ୍ତି। ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଠିଆ ହେବା ପରେ ମଧ୍ୟ, ସେଇ ଲାଇନ୍ ହେଲେ ମହାପ୍ରଭୁଙ୍କ ପର୍ଯ୍ୟନ୍ତ ଯାଆନ୍ତା, ତାହା ନୁହେଁ ବରଂ ଜଗମୋହନରେ ପାଦ ଦେଉ ଦେଉ ଆରମ୍ଭ ହୋଇଯାଏ "ଜୋର୍ ଯାର୍ ମୁଲକ ତାର' ନୀତି। ଚଢ଼ା-ଭିଡ଼ା- ଯିଏ ଯେଉଁ ଉପାୟ ଅବଲମ୍ବନ କରି କେବଳ ଆଗକୁ ଯିବାର ପ୍ରଚେଷ୍ଟା। ଥରେ ଚିନ୍ତା କରନ୍ତୁ ବୟସ୍କ ବ୍ୟକ୍ତିବିଶେଷ ତଥା ପିଲାଛୁଆଙ୍କୁ ଧରି ଯାଇଥିବା ଜନସାଧାରଣଙ୍କ ଅବସ୍ଥା। କେବଳ ଗୋଟିଏ ଦଉଡ଼ିର ବ୍ୟବସ୍ଥା ମଧ୍ୟ ଯଦି କରାଯାଆନ୍ତା, ଯାତ୍ରୀମାନେ ବେଶ୍ ଶୃଙ୍ଖଳିତ ରୀତିରେ ଯାଇ ଦୁଇ ଧାଡ଼ିରେ ରହି ମହାପ୍ରଭୁଙ୍କୁ ଦର୍ଶନ କରିପାରନ୍ତେ। ଭକ୍ତମାନେ ଏପରି ତିକ୍ତ ଅନୁଭୂତି ନେଇ ଫେରିବା ବେଳେ ପ୍ରଶାସନ କେଉଁ ମହତ୍ ଉଦ୍ଦେଶ୍ୟରେ ଏ ସାହାଣମେଳା ବ୍ୟବସ୍ଥା ଜାରି ରଖିଛି, ତାହା ବୁଝିହୁଏନା।

ସାଧାରଣ ଜନତା ଏହିପରି ଘଣ୍ଟା ଘଣ୍ଟା ଧରି ଲାଇନ୍‌ରେ ଥିବାବେଳେ ବଡ଼ବଡ଼ିଆଙ୍କ ପାଇଁ କିନ୍ତୁ ଗଳାବାଟର ବ୍ୟବସ୍ଥା। ଯେ ସମଗ୍ର ଜଗତର ନାଥ ତା'ର ଦରବାରରେ ଏତେ ଥିଲାବାଲା, ନଥିଲାବାଲାର ବାଛବିଚାର କାହିଁକି?

ପ୍ରତ୍ୟହ ବଡ଼ବଡ଼ିଆଙ୍କ ଗାଡ଼ି ସିଂହଦ୍ୱାର ପର୍ଯ୍ୟନ୍ତ ହିଁ ଆସିଥାଏ, କେହି କେବେ ବଡ଼ଦାଣ୍ଡରେ ସେମାନଙ୍କୁ ଚାଲିବାର ଦେଖିନାହାନ୍ତି। ସେଦିନ ଭାରତବର୍ଷର ପ୍ରଥମ ନାଗରିକ ଭାବେ ପରିଘୋଷିତ ମହାମହିମ ରାଷ୍ଟ୍ରପତି କେତେ ଦୀର୍ଘ ପଥରୁ ଚାଲିଚାଲି ଆସି, ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସାଷ୍ଟାଙ୍ଗ ପ୍ରଣିପାତ ଜଣାଇ ଆସି କାଳିଆ କଳା ଠାକୁରଙ୍କୁ ଦର୍ଶନ କଲେ, ତେବେ ତାଙ୍କଠାରୁ କ'ଣ ଶିଖିଲା ଏ ଜାତି? ଆମେ ପ୍ରତିମୁହୂର୍ତ୍ତରେ ବର୍ତ୍ତମାନ ସର୍ବସ୍ୱ ହୋଇ ଆମର ପାରିଲାପଣକୁ ଜାହିର କରୁଛୁ, ମାତ୍ର କେବେ ଚିନ୍ତା କରୁନୁ, 'ସବୁ ଦିନେ ନାହିଁ ଚାନ୍ଦିନୀ ରାତି'।

ମନ୍ଦିରର ଶୃଙ୍ଖଳା ନିମନ୍ତେ ବହୁ ସଂଖ୍ୟାରେ ପୋଲିସ ମୁତୟନ କରାଯାଇଥିଲେ ମଧ୍ୟ ଜଗମୋହନର ସେ ଠେଲାପେଲା ସମୟରେ କାହାରିକୁ ଦେଖିବାକୁ ମିଳିନଥାଏ, ଏସବୁ କ୍ଷେତ୍ରରେ ଉପସ୍ଥିତ ରହି ପରିବେଶ ଓ ପରିସ୍ଥିତିକୁ ଶୃଙ୍ଖଳିତ କରିବା କ'ଣ ସେମାନଙ୍କର ଦାୟିତ୍ୱ ନୁହେଁ, ତେବେ ମନ୍ଦିର ପ୍ରଶାସନ ସେମାନଙ୍କୁ ଆଉ କେଉଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରିଛି ବୁଝିହୁଏନା। ତେବେ ଦେଖାଯାଉ କେବେ ଭାଙ୍ଗୁଛି ଆମର ମନ୍ଦିର ପ୍ରଶାସନର ନିଦ, ଆଉ ମିଳୁଛି ଏ ଯନ୍ତ୍ରଣାରୁ ମୁକ୍ତି। ରହିଲୁ ସେ ସୁଦିନର ଅପେକ୍ଷାରେ।

**ଡକ୍ଟର ଆରତି କର,** ଶତାବ୍ଦୀ ନଗର, ଭୁବନେଶ୍ୱର,
ମୋ. ୮୮୪୭୮୯୨୬୭୨

ମହାଶୟ,

ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସୁରୁଖୁରୁରେ ଓ ଶୃଙ୍ଖଳିତ ଭାବେ ଭକ୍ତ ମାନଙ୍କର ଜଗନ୍ନାଥ ଦର୍ଶନ ଅଭିଳାଷ ପୂର୍ଣ୍ଣ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ପୁରୀ ଜଗନ୍ନାଥ ମନ୍ଦିରରେ ଯେପରି ଅବ୍ୟବସ୍ଥା ଦେଖା ଯାଉଛି ବୋଧହୁଏ ଭାରତର ଅନ୍ୟ କୌଣସି ମନ୍ଦିରରେ ସେପରି ଦେଖା ଯାଏ ନାହିଁ। ଏହା ପ୍ରଶାସନ ଆଖିରେ ପଡୁନାହିଁ ନା ଜାଣି ଅଜଣା ରହୁଛନ୍ତି ତାହା ଜଣା ପଡୁନି। ଯୁଗେ ଯୁଗେ ଭକ୍ତଙ୍କ ପାଇଁ ଭଗବାନ। ଭକ୍ତଙ୍କୁ ପୀଡ଼ା ଦେବା, ପ୍ରକାରାନ୍ତରେ ଭଗବାନଙ୍କୁ ପୀଡ଼ା ଦେବା ସହିତ ସମାନ। କେବଳ ଭାଷଣ ବାଜି କଲେ ଚଳିବ ନାହିଁ, ଭକ୍ତର ସାମାନ୍ୟତମ ଅସୁବିଧାକୁ ଅନୁଧ୍ୟାନ କରି ତୁରନ୍ତ ସମସ୍ୟାର ସମାଧାନ କରିବା ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

ମହାଶୟ,

ପ୍ରଶାସନର ଆଖି ଖୋଲୁ।

**ଡ. ରାମଚନ୍ଦ୍ର ଦାଶ,** ଭୁବନେଶ୍ୱର

ମହାଶୟ,

ମନ୍ଦିର ପରିଚାଳନା କମିଟି ସଭାପତି ସମ୍ପାଦକ ଓ ମୁଖ୍ୟ ପ୍ରଶାସକ ଦେଶର ଅନ୍ୟାନ୍ୟ ମନ୍ଦିର ବୁଲି ଦେଖିବା ପରେ ଧାଡ଼ି ଦର୍ଶନ ପାଇଁ ବ୍ୟବସ୍ଥା କଲେ ଭଲ ହେବ।

**ନିର୍ମଳ ଚନ୍ଦ୍ର ସାମଲ,**
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

ମହାଶୟ,

ପ୍ରଶାସନକୁ ସଚେତନା କରି ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ଦିଗରେ ସୁବ୍ୟବସ୍ଥା କରିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଏକ ଆହ୍ୱାନ ହିଁ ଏହି ସୁନ୍ଦର ଆଲେଖ୍ୟର ଆଭିମୁଖ୍ୟ। ସୁଚିନ୍ତିତ ସଚେତନତା ଅଭିବ୍ୟକ୍ତି ପାଇଁ ଲେଖକଙ୍କୁ ସାଧୁବାଦ।

**ଡ. ପ୍ରଦୀପ କୁମାର ଚୌଧୁରୀ,** ଗୁଣୁପୁର

# ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ସହ ଦୁଇଟି ସ୍ମରଣୀୟ ଅନୁଭବ

■ **କୃଷ୍ଣଚନ୍ଦ୍ର ମହାପାତ୍ର** ■

ସ୍ୱର୍ଗତ ରାଜେନ୍ଦ୍ର କିଶୋର ପଣ୍ଡାଙ୍କର ମହାପ୍ରୟାଣ ତା ।୨୪/୧୦/୨୦୨୫ରିଖରେ ହୋଇଯାଇଛି। ଆଜି ସେହି ପୁଣ୍ୟାତ୍ମାଙ୍କର ଏକାଦଶାହ ତିଥିରେ ମୋ ଚାକିରି ଜୀବନରେ ତାଙ୍କ ସହ ଖୁବ୍ ଅଳ୍ପଦିନର କାର୍ଯ୍ୟକାଳ ଭିତରେ ମୋ ସହ ଘଟିଥିବା ଦୁଇଟି ଛୋଟିଆ ଅନୁଭୂତି ଆଜି ମୋର ସ୍ମରଣକୁ ଆସେ।

ସେତେବେଳେ ମୁଁ ଥିଲି ଅବିଭକ୍ତ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ଉପଖଣ୍ଡର ଉପଜିଲ୍ଲାପାଳ ଓ ଶ୍ରୀଯୁକ୍ତ ପଣ୍ଡା ଥିଲେ ବ୍ରହ୍ମପୁରର ରାଜସ୍ୱ ଡିଭିଜନାଲ କମିଶନର। ଦୁଇଟିଯାକ ଘଟଣା ସେହି ସମୟର। ସ୍ୱର୍ଗତ ପଣ୍ଡା ଥିଲେ ଓଡିଶା ସାରସ୍ୱତ ଜଗତର ଜଣେ ଅସାମାନ୍ୟ ଓ ଅସାଧାରଣ କବି ପ୍ରତିଭା, ଏ କଥା କାହାକୁ ଅଜଣାନୁହେଁ। ପ୍ରଶାସନିକ କାର୍ଯ୍ୟ ବ୍ୟସ୍ତତା ଭିତରେ ବି ସେ ତାଙ୍କ କବିତା ସର୍ଜନାକୁ ଛାଡିପାରିନଥିଲେ। କହିବାକୁ ଗଲେ ତାଙ୍କ ପରି ଜଣେ ସୃଜନଶୀଳ କବିଙ୍କୁ କଲମ ଛାଡୁନଥିଲା ନା କବି କଲମକୁ ଛାଡିପାରୁନଥିଲେ ତା' କେବଳ ସେ ହିଁ ଜାଣିଥିଲେ।

ବେଳେବେଳେ ଗୋପାଳପୁର ସର୍କିଟହାଉସରେ ଅବସ୍ଥାନ କରି ସେ କବିତା ରଚନା କରୁଥିବାର ମୁଁ ଦେଖିଥିଲି। ଏପରିକି ଶୂନ୍ୟଛାତ ଉପରେ ବସି, ସେ କବିତା ରଚନା କରନ୍ତି। ଉପରେ ଶାନ୍ତ, ସୌମ୍ୟ, ଅନନ୍ତ ଆକାଶର ଅପୂର୍ବ ନୀଳିମା, ସମ୍ମୁଖରେ ଦିଗ୍‌ବଳୟ ବ୍ୟାପୀ ବିକ୍ଷୁବ୍ଧ ବାରିଧି ଓ ଅଦୂରରେ କୋଳାହଳମୟ ସଚିତ୍ର ବେଳାଭୂମିର ବର୍ଣ୍ଣବିଭା କବିଙ୍କ ମନରେ କି ପ୍ରେରଣା ଓ ପୁଲକ ସୃଷ୍ଟି କରେ ତା କେବଳ କବିଙ୍କୁ ହିଁ ଜଣା। କିନ୍ତୁ ସାର୍‌ଙ୍କ ହାତରେ ଥାଏ ତାଙ୍କ ପ୍ରିୟ କଲମ ଓ ପ୍ୟାଡ। ଗୋପାଳପୁର ସର୍କିଟ ଗୃହରେ ସେତେବେଳେ କେବଳ ତିନିଗୋଟି ବଖରା (Suite) ଥାଏ। ଉପର ମହଲା ତିଆରି ହୋଇନଥାଏ। ଆବଶ୍ୟକତା ଦୃଷ୍ଟିରୁ ଉପର ମହଲାରେ ଅନ୍ତତଃ ଗୋଟିଏ ବଖରା ନିର୍ମାଣ କରିବା ପାଇଁ ମୁଁ ଇଚ୍ଛାପ୍ରକାଶ କରି ପୂର୍ତ୍ତ ବିଭାଗର ନିର୍ବାହୀଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲି, ଯେଉଁଠାରେ ସମୁଦ୍ର ସଂପୂର୍ଣ୍ଣଭାବେ ଦୃଶ୍ୟମାନ ହେଉଥିବ। ତଳ ମହଲାରେ ଥିବା ତିନୋଟି ବଖରା ବା ତତ୍‌ସଂଲଗ୍ନ ବାରେଣ୍ଡା ଉପରୁ ସମୁଦ୍ରର ମନୋରମ ଦୃଶ୍ୟ ଦୃଷ୍ଟିଗୋଚର ହୁଏ ନାହିଁ। ନିର୍ବାହୀଯନ୍ତ୍ରୀ ମହୋଦୟ ଦୁଇଦିନ ପରେ ମୋତେ ଜଣାଇଲେ ଯେ ଗୋପାଳପୁର ସର୍କିଟ ଗୃହ ତଳ ମହଲା ଉପରେ ଆଉ ଘର ନିର୍ମାଣ କରିବା ବୈଷୟିକ (Technical) ଦୃଷ୍ଟିକୋଣରୁ ସମ୍ଭବପର ନୁହେଁ। ମୁଁ କିଛି ଦିନ ନିରବ ରହିବାପରେ ସିଧା ଯାଇଥିଲି R.D.C ସ୍ୱର୍ଗତ ପଣ୍ଡାଙ୍କ ପାଖକୁ। ସେ R.D.C ଭାବରେ କାର୍ଯ୍ୟଭାର ଗ୍ରହଣକରିବା ପରଦିନ ମୁଁ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ସେ ମୋତେ 'ଯେତେବେଳେ ଆବଶ୍ୟକ ପଡିବ ତାଙ୍କୁ ସିଧାସଳଖ ସାକ୍ଷାତ କରିବା ପାଇଁ' ସ୍ୱାଧୀନତା ଦେଇଥିଲେ। ତେବେ ଯାହାହେଉ, ସେଦିନ ମୁଁ ୧୧ଟା ବେଳକୁ ତାଙ୍କ ବାସଗୃହ ଅଫିସରେ ପହଁଚି ତାଙ୍କୁ ଖବର ପଠାଇବା ପରେ ସାର୍ ଅଳ୍ପସମୟ ମଧ୍ୟରେ ଚାମ୍ବରକୁ ଆସି ବ୍ୟକ୍ତିଗତ କଥା ପଚାରି ମୋର ଆସିବାର କାରଣ ପଚାରିଥିଲେ। ସେହି ଅବସରରେ ଗୋପାଳପୁର ସର୍କିଟ ଗୃହ ଉପର ମହଲାରେ ଗୋଟିଏ ବଖରା ନିର୍ମାଣ କରିବାର ପ୍ରସ୍ତାବ ସହ ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ବୈଷୟିକ (Technical) ଦୃଷ୍ଟିକୋଣରୁ ଏହା ସମ୍ଭବପର ହେବ ନାହିଁ ବୋଲି ମୋତେ କହିବା ବିଷୟ ତାଙ୍କୁ ଜଣାଇଥିଲି। ମୋ ଠାରୁ ଏ ପ୍ରସ୍ତାବ ଶୁଣିସାରିବା ପରେ ସେ ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀ (S.E)ଙ୍କୁ ସାଙ୍ଗେ ସାଙ୍ଗେ ତାଙ୍କ ବାସଗୃହ କାର୍ଯ୍ୟାଳୟକୁ ଆସିବାକୁ କହି, 'ଏହା ଗୋଟିଏ ଉତ୍ତମ ପ୍ରସ୍ତାବ' ବୋଲି କହିଥିଲେ। ଅଧିକ୍ଷଣ ଯନ୍ତ୍ରୀ ମହୋଦୟ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆସି ପହଞ୍ଚିଥିଲେ।

R.D.C ସ୍ୱର୍ଗତ ପଣ୍ଡା ତାଙ୍କୁ ଚାଲନ୍ତୁ ଗୋପାଳପୁର ଯିବା କହି ମୁଁ, କମିଶନର, ଅଧିକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀ ଚାଲିଲୁ ଗୋପାଳପୁର ଅଭିମୁଖେ। ସର୍କିଟ ଗୃହଠାରେ ପହଁଚି R.D.C. S.E.ଙ୍କୁ ମୁଁ କହିଥିବା କଥା ଦୋହରାଇ ପ୍ରଥମ ମହଲାରେ ଗୋଟିଏ ବଖରା ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀଙ୍କ ଠାରୁ ଯାହା ବାଟରେ ଶୁଣିଥିଲେ ସେହିକଥାକୁ R.D.Cଙ୍କୁ କହିଥିଲେ। ସେଥିରେ R.D.C କାହିଁକି ହୋଇପାରିବନି ବୋଲି ପଚାରିବାରୁ ଅଧିକ୍ଷଣ ଯନ୍ତ୍ରୀ ଉପରେ ଗୋଟିଏ ବଖରା ଗୃହ ନିର୍ମାଣ କଲେ ଘର ଲୋଡ୍ ନେବନି ଓ ବ୍ୟୟଭାର ବହୁ ଅଧିକ ପଡିବ ବୋଲି R.D.Cଙ୍କୁ ବୁଝାଇବାରୁ ଟଙ୍କା ତ ରାଜସ୍ୱବିଭାଗ ଦେବ ଓ ଟଙ୍କା ସରକାରଙ୍କ ଦ୍ୱାରା ମଞ୍ଜୁର କରାଇବା ଦାୟିତ୍ୱ ତାଙ୍କର ବୋଲି କହି ୭ଦିନ ଭିତରେ ତାର ଆକଳନ (Estimate) ତାଙ୍କ ନିକଟକୁ ପଠାଇ 'ଏକମାସ ଭିତରେ କାମ ଆରମ୍ଭ କରନ୍ତୁ ଓ ପ୍ରତି ମାସରେ ମୋତେ ତାର ଅଗ୍ରଗତି ଜଣାଇ



ନଦେଖାଇ ଅତିବେଶୀରେ ୬ମାସ ଭିତରେ କାମ ଶେଷକରିବାକୁ ଚେଷ୍ଟା କରନ୍ତୁ' ବୋଲି କହିଥିଲେ। 'ଟଙ୍କା ମଞ୍ଜୁର କରାଇବା ଦାୟିତ୍ୱ ମୋର ଏଥିରେ ଆପଣ ନିଶ୍ଚିତ ରୁହନ୍ତୁ' ବୋଲି କହି ମୋ ସହ ଫେରି ଆସିଥିଲେ। 'ଏ ଉପର ବଖରା ନିଶ୍ଚିତ ହେବ' ବୋଲି କହି ମୁଁ ଏ ପ୍ରସ୍ତାବଟି ଦେଇଥିବାରୁ 'ଏହା ବହୁପୂର୍ବରୁ ହେବାର ଥିଲା' ବୋଲି କହି ମୋତେ ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ଅନୁଭୂତିଟି ଏହିପରି ଯାହା ସମସ୍ତ ପ୍ରଶାସକମାନଙ୍କ ପକ୍ଷରେ ଅତ୍ୟନ୍ତ ଶିକ୍ଷଣୀୟ। ବ୍ରହ୍ମପୁରରେ ଦିନେ ଏକ ବଡଧରଣର ଆଇନଶୃଙ୍ଖଳା ପରିସ୍ଥିତର ଉଦ୍‌ଭବ ହୋଇଥିଲା। ଉତ୍ତେଜିତ ଜନତା ଓ ଅସାମାଜିକ ବ୍ୟକ୍ତିଙ୍କର ଗଣ୍ଡଗୋଳର ଶରବ୍ୟ ମଧ୍ୟରୁ ମୋର ବାସଗୃହ ମଧ୍ୟ ବାଦ୍‌ଯାଇନଥିଲା। ଏସ୍.ପି. ଯଦିଓ ମୋ ସହ ଥିଲେ କୌଣସି ପୁଲିସ ଫୋର୍ସ ସେଠାରେ ମୁତୟନ ନଥିଲେ ଯାହା ଫଳରେ ଅସାମାଜିକ ଲୋକମାନେ ମୋ ବାସଗୃହମଧ୍ୟକୁ ପ୍ରବେଶ କରିପାରିନଥିଲେ ମଧ୍ୟ ଏସ୍.ପି.ଙ୍କ ଗାଡି ସମେତ ମୋର ବାସଗହ୍ ପରିସର (Compound) ଭିତରେ ପ୍ରବେଶ କରି ବହୁ କିଛି ଫୁଲଗଛ ଓ ବଗିଚା ଆଦି ନଷ୍ଟ କରିଦେଇଥିଲେ। ଏହା କିଛିକ୍ଷଣ ପାଇଁ ଘଟିଥିଲେ ମଧ୍ୟ ବହୁକିଛି କ୍ଷତି ସାଧନ କରିଥିଲା। ଏହି ଖବର ଆର୍.ଡି.ସି. ଜାଣିବାକୁ ପାଇଥିଲେ। ଏହି ଗଣ୍ଡଗୋଳ ଏକ ସାଂପ୍ରଦାୟିକ ଦଙ୍ଗା ଆଡକୁ ଗତିକରିବାର ବହୁ ସମ୍ଭାବନା ଥିଲା। ତେବେ ସେ ଯାହା ହେଉନା କାହିଁକି ସେତେବେଳର ପରିସ୍ଥିତି ମନରେ ଭୟ ଉଦ୍ରେକକାରୀ ଥିଲା। ପରମୁହୂର୍ତ୍ତରେ ପୁଲିସ ଫୋର୍ସ ମୋ ବାସଗୃହଠାରୁ ଆରମ୍ଭ କରି ଚତୁଃପାର୍ଶ୍ୱରେ କିଛି ଦୂର ପର୍ଯ୍ୟନ୍ତ ଜଗି ରହିଲେ। ଏସବୁ R.D.C ଜାଣିପାରିଥିଲେ। ଜିଲ୍ଲାପାଳ ଭଞ୍ଜନଗରରୁ ଆସି ପହଞ୍ଚିବାପରେ ପରଦିନ ପାଇଁ ପୁଲିସ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ପ୍ରତିରୋଧକ ବ୍ୟବସ୍ଥା ଗ୍ରହଣ କରି ମୁଁ ଘରକୁ ଫେରୁଫେରୁ ବହୁତ ରାତିହୋଇ ଯାଇଥିଲା। ତା' ପରଦିନ ସକାଳୁ ମୁଁ ୬ଟା ବେଳକୁ ସର୍କିଟ ଗୃହ ବାହାରିବା ବେଳକୁ ହଠାତ ମୋତେ ପିଅନ R.D.C ଆସି ମୋ ବାସଗୃହ ଅଫିସ ଚାମ୍ବରରେ ବସିଛନ୍ତି ବୋଲି ଖବର ଦେଲା। ମୁଁ ଯେତେବେଳେ ବାହାରକୁ ଗଲି ଦେଖିଲି ଯେ R.D.C ମୋ ବାସଗୃହ ପରିସରରେ ଗତକାଲି ଆଇନଶୃଙ୍ଖଳା ସମୟରେ ଘଟିଥିବା କ୍ଷୟକ୍ଷତି ସବୁ ବୁଲି ଦେଖୁଛନ୍ତି। ମୋତେ ଦେଖି 'ମୁଁ କିପରି ଅଛି' ବୋଲି ପଚାରିଥିଲେ। ମୁଁ 'ଠିକ୍ ଅଛି ଓ କିଛି ଅସୁବିଧା ହୋଇନି' ବୋଲି କହି ତାଙ୍କ ଆଗରେ ଗଣ୍ଡଗୋଳର କାରଣ ଓ ଏହାର ସମ୍ଭାବ୍ୟ ସାଂପ୍ରଦାୟିକ ଦିଗ ଉପରେ ଆଲୋଚନା ଆରମ୍ଭ କରିବାବେଳେ, 'ମୁଁ ସେଥିପାଇଁ ଆସିନି'। 'ଜିଲ୍ଲାପାଳ, ଡି.ଆଇ.ଜି, ଏସ୍.ପି ଓ ଆପଣଙ୍କୁ ୫ଟା ବେଳେ ମୋ ଅଫିସକୁ ଏବାବଦରେ ଆଲୋଚନା ପାଇଁ ଡାକିଛି' ବୋଲି କହି କମ୍ପାଉଣ୍ଡ ପରିସରରେ ଘଟିଥିବା ଲଙ୍କାକାଣ୍ଡରୁ 'ମୁଁ ସବୁ ଜାଣୁଛି' ବୋଲି କହି ମୁଁ କିଛି 'ଚିନ୍ତିତ କି ବିବ୍ରତ' ନହେବା ପାଇଁ ପରାମର୍ଶ ଦେଇ 'ଯାହା ଘଟିଲେ ମୋତେ ସିଧା ଜଣାଇବ' ବୋଲି କହିଥିଲେ। ଯିବାକୁ ବାହାରିବା ପୂର୍ବରୁ ସେ ମୋତେ ମୋ ଘରକୁ ଯିବାପାଇଁ କହିଥିଲେ ଓ ମୁଁ ଆଗ୍ରହର ସହିତ ତାଙ୍କୁ ମୋ ବାସଗୃହ ମଧ୍ୟକୁ ଡାକି ଡ୍ରଇଁ ରୁମ୍‌ରେ ବସାଇଥିଲି। ସେ ମୋ ପରିବାରକୁ ସାକ୍ଷାତ କରିବାକୁ ଚାହାଁନ୍ତି କହିବାରୁ ମୁଁ ଯାଇ ମୋର ସ୍ତ୍ରୀ ଓ ଛୋଟ, ଛୋଟ ପିଲାମାନଙ୍କ ସହ ପହଁଚିଥିଲି। ସେ ପିଲାମାନଙ୍କ ମୁଣ୍ଡରେ ହାତରଖି 'ଆଇନ ଶୃଙ୍ଖଳା ପରିସ୍ଥିତିର ସମ୍ମୁଖୀନ ହେବା ଆମ ପ୍ରଶାସନିକ ସେବାର ଏକ ମାମୁଲି ଓ ସାଧାରଣ ଘଟଣା ବୋଲି କହି ମୋ ପତ୍ନୀଙ୍କୁ ଆଶ୍ୱାସନା ଓ ସାନ୍ତ୍ୱନା ଦେଇ, ଗଣ୍ଡଗୋଳକାରୀମାନେ କିଛି କ୍ଷତି ଘଟାଇଛନ୍ତିକି ବୋଲି ପଚାରି ଥିଲେ। ପୁନର୍ବାର ମନରେ କୌଣସି ଭୟ, ଆଶଙ୍କା ନରଖି ଚିନ୍ତିତ ବା ବିବ୍ରତ ନହେବାକୁ ସାହସ ଓ ପରାମର୍ଶ ଦେଇଥିଲେ ଯାହା ମୋ ଆଶା ବା ବିଶ୍ୱାସର ବାହାରେ ଥିଲା। ମୋ ସ୍ତ୍ରୀ ତାଙ୍କୁ ସେଭଳି କିଛି ଘଟିନାହିଁ କି ଆମେ କେହି ଚିନ୍ତିତ କି ବିବ୍ରତ ନୋହୁ ବୋଲି କହିଥିଲେ।' ମୁଁ ବେଶ୍ ବୁଝିପାରିଥିଲି ଯେ ସାର୍‌ଙ୍କର ଉଦ୍ଦେଶ୍ୟ ଥିଲା ଏକ ଉଦ୍‌ବେଗଜନକ ପରିସ୍ଥିତିକୁ ହାଲ୍‌କା କରିଦେବା।

R.D.C ଶ୍ରୀ ପଣ୍ଡା କଫି ପିଇ ପ୍ରାୟ ୧ଘଣ୍ଟାର ରହଣିପରେ ଚାଲିଯାଇଥିଲେ ସତ କିନ୍ତୁ ମୁଁ ଓ ମୋ ପରିବାରଙ୍କ ମନରେ ଏ ଘଟଣାଟି ଏକ ସ୍ମରଣୀୟ ଘଟଣା ହୋଇ ରହିଗଲା। ମୋତେ ଓ ପତ୍ନୀଙ୍କୁ ସେ ଦେଇଥିବା ଧୈର୍ଯ୍ୟ ଓ ଅଭୟର ଆଶ୍ୱାସନା ଭିତରେ ମୁଁ ଏକ ଗତାନୁଗତିକ ଔପଚାରିକ ପ୍ରଶାସନିକ ସଂପର୍କ ଦେଖିନଥିଲି, ଏହା ମୋ ଭିତରେ ଏକ ଅନ୍ତରଙ୍ଗ, ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତାର ଛାପ ଛାଡିଦେଇ ଯାଇଥିଲା ସବୁଦିନ ପାଇଁ। ଧନ୍ୟ ସେ ପ୍ରଶାସକ।

ସାର୍‌ଙ୍କ ସହ ଆଉ ଦେଖା ହବାର ସୁଯୋଗ ଜୁଟିନି। ତେବେ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳ ଥିବା ସମୟରେ ସଂସ୍କୃତି ବିଶ୍ୱବିଦ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଜାଗା ଦେଖିବା ପାଇଁ ଥରେ ତାଙ୍କ ସହ ଚିହ୍ନଟ ସ୍ଥାନ ନିକଟକୁ ମୋତେ ଯିବାର ସୁଯୋଗ ଜୁଟିଥିଲା।

ସାର୍ ଆଉ ଫେରିବେନି। କଲମ ବି ତାଙ୍କର ଆଉ ଚାଲିବନି। ସମସ୍ତଙ୍କର ଚିତାଗ୍ନି ଲିଭିଗଲା ଭଳି

ସାର୍‌ଙ୍କ ଚିତା ବି ଲିଭିଗଲା କିନ୍ତୁ ମୋ ମନରେ ଚାକିରି ଆରମ୍ଭରୁ ସେ ଛାଡିଯାଇଥିବା ଛାପ ଅଲିଭା ହୋଇ ରହିଗଲା ପ୍ରସ୍ତର ଗାତ୍ରରେ ଖୋଦିତ ଅକ୍ଷର ପରି।

ଯେଉଁଠି ଥାଆନ୍ତୁ ଶାନ୍ତିରେ ଥାଆନ୍ତୁ ସାର୍। ସେଠାରେ ବି ଆପଣଙ୍କ ପ୍ରିୟ କଲମ ଆପଣଙ୍କୁ ନଛାଡୁ। ଏହାହିଁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି। ପ୍ରଣାମ ସାର୍।

*ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଜଣେ ବରିଷ୍ଠ ଅଧିକାରୀ*

